# ରାଜ୍ୟସ୍ତରୀୟ
# କୁନାକୁନି ନୃତ୍ୟ ପ୍ରତିଯୋଗିତା

## ଆୟୋଜକ

ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ଶିଶୁ-କିଶୋର ପତ୍ରିକା

# କୁନିକଥା

ପ୍ରିୟ ପାରିବାରିକ ବନ୍ଧନ: କୁନିର, କୁନାର, ବଡ଼ମାନଙ୍କର

## THE KUNIKATHA

ପ୍ରତିଷ୍ଠା: ଜୁଲାଇ ୨୦୧୧

---

ସଦସ୍ୟତା:

RNI Govt of India | ISSN



ପ୍ରତିଷ୍ଠାତା ଓ ଦିଗ୍‌ଦର୍ଶକ:

**ଡ. ଅଚ୍ୟୁତ ସାମନ୍ତ**

ମାନ୍ୟବର ସାଂସଦ, ଲୋକସଭା



ସମ୍ପାଦିକା:

**ଡ. ଇତି ସାମନ୍ତ**

ସାହିତ୍ୟିକା, ସମାଜସେବୀ

# ରାଜ୍ୟସ୍ତରୀୟ କୁନାକୁନି ନୃତ୍ୟ ପ୍ରତିଯୋଗିତା

ମାନ୍ୟବର ସାଂସଦ, ଲୋକସଭା ତଥା 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା ବିଶିଷ୍ଟ ଶିକ୍ଷାବିତ୍ ଡ. ଅଚ୍ୟୁତ ସାମନ୍ତଙ୍କଦ୍ୱାରା ପ୍ରତିଷ୍ଠିତ କାଦମ୍ବିନୀ ମିଡିଆ ପକ୍ଷରୁ ପ୍ରତି ମାସରେ ପ୍ରକାଶ ପାଉଛି ଓଡ଼ିଶାର ପ୍ରତିଷ୍ଠିତ ତଥା ବହୁଳ ପ୍ରସାରିତ ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ଏବଂ ମାସିକ ପାରିବାରିକ ଶିଶୁ-କିଶୋର ପତ୍ରିକା 'କୁନିକଥା'। ଏଥିସହ ଓଡ଼ିଶାର ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ପାଇଁ କାଦମ୍ବିନୀ ମିଡିଆ ବିଭିନ୍ନ ସମୟରେ ବହୁ ଉପଯୋଗୀ କାର୍ଯ୍ୟକ୍ରମମାନ କରିଆସୁଛି। ଏହି କ୍ରମରେ ପ୍ରତିବର୍ଷ ଜାନୁଆରୀ ମାସରେ **'କାଦମ୍ବିନୀ ସାହିତ୍ୟ ମହୋତ୍ସବ', 'କାଦମ୍ବିନୀ ପତ୍ରିକା ହାଟ'** ଓ **'କୁନାକୁନି ମେଳା'** ଆୟୋଜନ କରିଥାଏ। ଦିବସବ୍ୟାପୀ ଅନୁଷ୍ଠିତ ଏହି ମହୋତ୍ସବରେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ କ୍ଷେତ୍ରରେ ଖ୍ୟାତିଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିଗଣ ଅତିଥି ଭାବେ ଯୋଗ ଦେଇଥାନ୍ତି। ଏଥିସହିତ ଓଡ଼ିଶା ଓ ଓଡ଼ିଶା ବାହାରର ପ୍ରାୟ ସାତ ହଜାରରୁ ଊର୍ଦ୍ଧ୍ୱ ସାହିତ୍ୟିକ ତଥା କଳା, ସଂସ୍କୃତି, ସଙ୍ଗୀତ, ଚଳଚ୍ଚିତ୍ର, ପ୍ରଶାସନ, ରାଜନୀତି ଆଦି ବିଭିନ୍ନ କ୍ଷେତ୍ର ସହ ସଂପୃକ୍ତ ବ୍ୟକ୍ତିବିଶେଷ ଓ ସର୍ବସାଧାରଣ ଏହି ଉତ୍ସବକୁ ଆସିଥାନ୍ତି।

ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଅବସରରେ 'କୁନିକଥା' ପକ୍ଷରୁ 'କୁନାକୁନି ମେଳା' ଅନ୍ତର୍ଗତ ପିଲାମାନଙ୍କ ଦ୍ୱାରା ରାଜ୍ୟସ୍ତରୀୟ ନୃତ୍ୟ-ଗୀତର ଆକର୍ଷଣୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଚଳିତ ଥର ଏହା ରାଜ୍ୟସ୍ତରୀୟ **'କୁନାକୁନି ନୃତ୍ୟ ପ୍ରତିଯୋଗିତା'** ଭାବରେ **ଆଗାମୀ ୨୦୨୦ ଜାନୁଆରୀ ୫ ତାରିଖ (ରବିବାର) ଅପରାହ୍ଣ ୩.୩୦ମି. ସମୟରେ କିଟ୍ କନ୍‌ଭେନ୍‌ସନ୍ ସେଣ୍ଟର୍, ଭୁବନେଶ୍ୱର**ଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ପିଲାମାନେ ଦଳଗତ ନୃତ୍ୟ (ଓଡ଼ିଶୀ / ଲୋକନୃତ୍ୟ) ମାଧ୍ୟମରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ସୁଯୋଗ ପାଇବା ସହିତ ସଭାମଞ୍ଚରେ ଆକର୍ଷଣୀୟ ପୁରସ୍କାର ପାଇବେ। ଏଥିରେ **ବିଚାରକମଣ୍ଡଳୀଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦଳକୁ ଯଥାକ୍ରମେ: ୨୫ ହଜାର, ୨୦ ହଜାର ଓ ୧୫ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଦିଆଯିବ। ଅବଶିଷ୍ଟ ଦଳକୁ ମାନପତ୍ର ସହ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇ ଉତ୍ସାହିତ କରାଯିବ। ନାମ ପଞ୍ଜିକୃତ କରିବାର ଶେଷ ତାରିଖ ନଭେମ୍ବର ୧୫।**



## ନିୟମାବଳୀ:

- ରାଜ୍ୟସ୍ତରୀୟ 'କୁନାକୁନି ନୃତ୍ୟ ପ୍ରତିଯୋଗିତା' ୨୦୨୦ ଜାନୁଆରୀ ୫ ତାରିଖ (ରବିବାର) ଅପରାହ୍ଣ ୩.୩୦ମି.ରୁ ଆରମ୍ଭ ହେବ। ଏଥିରେ କେବଳ ଦଳଗତ ଓଡ଼ିଶୀ ଓ ଲୋକନୃତ୍ୟ (ଗୋଟିପୁଅ, ଘୋଡ଼ାନାଚ ଆଦି) ପ୍ରଦର୍ଶନ କରିହେବ। କୌଣସି ଚଳଚ୍ଚିତ୍ର ଓ ଆଲ୍‌ବମ୍ ଗୀତର ନୃତ୍ୟ ଗ୍ରହଣୀୟ ନୁହେଁ।
- ପ୍ରତ୍ୟେକ ଦଳରେ ୫ରୁ ୧୦ ଜଣ ପିଲା ସୀମିତ ରହିବେ; ଯେଉଁମାନଙ୍କ ବୟସ ୧୬ ବର୍ଷ ଭିତରେ ହୋଇଥିବା ଆବଶ୍ୟକ।
- ଏଥିପାଇଁ ଉଦ୍ଦିଷ୍ଟ ପଞ୍ଜିକରଣ ଫର୍ମରେ ପିଲାମାନଙ୍କ ନାମ, ଶ୍ରେଣୀ ଓ ବିଭାଗ (ଓଡ଼ିଶୀ / ଲୋକନୃତ୍ୟ) ଏବଂ ବିଦ୍ୟାଳୟ ବା ନୃତ୍ୟ ଅନୁଷ୍ଠାନର ନାମ, ଠିକଣା, ଟେଲିଫୋନ୍ ନମ୍ବର, ଇ-ମେଲ୍ ସହିତ ସମ୍ପୃକ୍ତ ବିଦ୍ୟାଳୟ ବା ନୃତ୍ୟ ଅନୁଷ୍ଠାନର ଅଧିକାରୀଙ୍କ ଦସ୍ତଖତ ରହିବା ଆବଶ୍ୟକ।
- ପ୍ରତିଯୋଗିତା ଦିନ ସମ୍ପୃକ୍ତ ଦଳ ବା ପିଲାମାନଙ୍କ ସହ ସେମାନଙ୍କ ଜଗାରଖା କରିବା ପାଇଁ କିଏ ଆସୁଛନ୍ତି; ତାଙ୍କ ନାମ, ଟେଲିଫୋନ୍ ନମ୍ବର ପଞ୍ଜିକରଣ ଫର୍ମ ସହ ଅଲଗା ଏକ ସାଧା କାଗଜରେ ଉଲ୍ଲେଖ କରିବା ନିହାତି ଦରକାର।
- ଏଥିସହ ଉକ୍ତ ପିଲାମାନଙ୍କ ଦ୍ୱାରା ଆବେଦନ କରାଯାଉଥିବା ବିଭାଗ (ଓଡ଼ିଶୀ / ଲୋକନୃତ୍ୟ)ର ୩ ମିନିଟ୍‌ର ଭିଡିଓ କ୍ଲିପିଂ (ସିଡି, ଡିଭିଡି ବା ପେନ୍ ଡ୍ରାଇଭ୍‌ରେ) ଏବଂ ପ୍ରବେଶିକା ଦେୟ ୫୦୦ଟଙ୍କା ପଠାଇବାକୁ ପଡ଼ିବ।
- ଆବେଦନ ପତ୍ର, ନୃତ୍ୟର ଭିଡିଓ କ୍ଲିପିଂ ଓ ପ୍ରବେଶିକା ଦେୟ ୨୦୧୯ ନଭେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖରେ ପହଞ୍ଚିବା ଆବଶ୍ୟକ। ଅସମ୍ପୂର୍ଣ୍ଣ ଓ ଶେଷ ତାରିଖ ପରେ ପହଞ୍ଚିଥିବା ଆବେଦନକୁ ଗ୍ରହଣ କରାଯିବନାହିଁ।
- ପହଞ୍ଚିଥିବା ଭିଡିଓ କ୍ଲିପିଂକୁ ଦୁଇ ପର୍ଯ୍ୟାୟରେ ପରଖାଯାଇ ଅନ୍ତିମ ପର୍ଯ୍ୟାୟ ପାଇଁ ବଛାଯିବ। ଯୋଗ୍ୟ ବିବେଚିତ ଦଳ ଅନ୍ତିମ ପର୍ଯ୍ୟାୟ ଅର୍ଥାତ ୨୦୨୦ ଜାନୁଆରୀ ୫ ତାରିଖ (ରବିବାର)ରେ ଅନୁଷ୍ଠିତ ହେଉଥିବା 'କୁନାକୁନି ମେଳା' ମଞ୍ଚରେ ନୃତ୍ୟ ପ୍ରଦର୍ଶନ କରିପାରିବେ।
- ନୃତ୍ୟ ପରିବେଷଣ କରିବା ପାଇଁ ୭ ମିନିଟ୍ ସମୟ ଦିଆଯିବ।
- ନୃତ୍ୟ ଶୈଳୀ, ଅଙ୍ଗଭଙ୍ଗୀ ଓ ନୃତ୍ୟ ତାଳମେଳକୁ ନେଇ ବିଚାର କରାଯିବ।
- ଯିବାଆସିବା, ପୋଷାକ ଓ ମେକଅପ୍ ସମ୍ପୃକ୍ତ ଦଳର ନିଜସ୍ୱ ଦାୟିତ୍ୱ।
- ଗୀତର ସମ୍ପୂର୍ଣ୍ଣ ଓଡ଼ିଆ ଲେଖାଟିକୁ ରିପୋର୍ଟିଂ ବେଳେ ଦାଖଲ କରିବାକୁ ହେବ।
- ପ୍ରବେଶିକା ଦେୟ ଓ ଭିଡିଓ କ୍ଲିପିଂ ସହ ଆବେଦନ କରିଥିବା ସମସ୍ତ ଦଳ କୁନାକୁନି ମେଳାକୁ ଆସିପାରିବେ।
- ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଦଳକୁ ଆମ ପକ୍ଷରୁ ଓ ଆମ ଖର୍ଚ୍ଚରେ ୧ ବର୍ଷ ପାଇଁ 'କୁନିକଥା' ପ୍ରେରଣ କରାଯିବ।
- କୌଣସି ଦଳର ବିଶୃଙ୍ଖଳ ଆଚରଣ ପାଇଁ ଆବଶ୍ୟକସ୍ଥଳେ କାଦମ୍ବିନୀ କର୍ତ୍ତୃପକ୍ଷ ସେହି ଦଳକୁ ପ୍ରତିଯୋଗିତାରୁ ବହିଷ୍କୃତ କରିପାରିବେ। ଏ ସମ୍ପର୍କରେ କାଦମ୍ବିନୀ କର୍ତ୍ତୃପକ୍ଷ ଉତ୍ତରଦାୟୀ ରହିବେ ନାହିଁ।










## ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:


ସମ୍ପାଦିକା 'କୁନିକଥା' ଓ 'କାଦମ୍ବିନୀ'

କାଦମ୍ବିନୀ ଭିଲ୍ଲା, ୪୨୧/୨୩୫୮, ପଦ୍ମାବତୀ ବିହାର

ଶୈଳଶ୍ରୀ ବିହାର, ଭୁବନେଶ୍ୱର- ୭୫୧୦୨୧

ଦୂରଭାଷ: ୦୬୭୪-୨୭୪୦୫୧୯, ୨୭୪୧୨୬୦

୭୩୨୮୮୪୧୯୩୨, ୭୩୨୮୮୪୧୯୩୩

**E-mail:** kadambini.odia@gmail.com

**Website:** www.kadambini.org

**Facebook:** kadambini.odia.3

# କୁ ନା କୁ ନି ମେ ଳା

## ରାଜ୍ୟସ୍ତରୀୟ କୁନାକୁନି ନୃତ୍ୟ ପ୍ରତିଯୋଗିତା

### ପଞ୍ଜୀକରଣ ଫର୍ମ

କ୍ରମିକ ସଂଖ୍ୟା:

୧. ନାମ: ______________________

ଶ୍ରେଣୀ: ______________ ବାଳକ ☐ ବାଳିକା ☐

୨. ନାମ: ______________________

ଶ୍ରେଣୀ: ______________ ବାଳକ ☐ ବାଳିକା ☐

୩. ନାମ: ______________________

ଶ୍ରେଣୀ: ______________ ବାଳକ ☐ ବାଳିକା ☐

୪. ନାମ: ______________________

ଶ୍ରେଣୀ: ______________ ବାଳକ ☐ ବାଳିକା ☐

୫. ନାମ: ______________________

ଶ୍ରେଣୀ: ______________ ବାଳକ ☐ ବାଳିକା ☐

୬. ନାମ: ______________________

ଶ୍ରେଣୀ: ______________ ବାଳକ ☐ ବାଳିକା ☐

୭. ନାମ: ______________________

ଶ୍ରେଣୀ: ______________ ବାଳକ ☐ ବାଳିକା ☐

୮. ନାମ: ______________________

ଶ୍ରେଣୀ: ______________ ବାଳକ ☐ ବାଳିକା ☐

୯. ନାମ: ______________________

ଶ୍ରେଣୀ: ______________ ବାଳକ ☐ ବାଳିକା ☐

୧୦. ନାମ: ______________________

ଶ୍ରେଣୀ: ______________ ବାଳକ ☐ ବାଳିକା ☐

ବିଭାଗ: ଓଡ଼ିଶୀ ☐ ଲୋକନୃତ୍ୟ ☐

ବିଦ୍ୟାଳୟ/ନୃତ୍ୟ ଅନୁଷ୍ଠାନର ନାମ: ______________________

ଠିକଣା: ______________________

______________________

ଫୋନ୍ ନଂ: ______________________

ଇ-ମେଲ୍: ______________________

ଭିଡିଓ କ୍ଲିପିଂ: ସିଡି ☐ ଡିଭିଡି ☐ ପେନ୍ ଡ୍ରାଇଭ୍ ☐

ପ୍ରବେଶିକା ଦେୟ: ଏମ୍‌ଓ ☐ ଡ୍ରାଫ୍ଟ ☐ ଅନ୍‌ଲାଇନ୍ ଟ୍ରାନ୍ସଫର୍ ☐

ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ। ରାଜ୍ୟସ୍ତରୀୟ କୁନାକୁନି ନୃତ୍ୟ ପ୍ରତିଯୋଗିତାର ସମସ୍ତ ନିୟମାବଳୀକୁ ପାଳନ କରିବା ପାଇଁ ଆମ୍ଭେ ପ୍ରତିଶ୍ରୁତିବଦ୍ଧ। ଆମ୍ଭଦ୍ୱାରା କୌଣସି ନିୟମ ଉଲ୍ଲଙ୍ଘନ ହୋଇଥିବାର ଅନୁଭବ କରି କର୍ତ୍ତୃପକ୍ଷ ପ୍ରତିଯୋଗିତାରୁ ବାହାର କରିଦେଲେ ଆମ୍ଭେ କୌଣସି ଆପତ୍ତି ଅଭିଯୋଗ କରିବୁନାହିଁ।

ତାରିଖ: (ବିଦ୍ୟାଳୟ ବା ନୃତ୍ୟ ଅନୁଷ୍ଠାନର ଅଧିକାରୀଙ୍କ ଦସ୍ତଖତ)